# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 May - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର  ୫ଟି ଲୋକସଭା ଏବଂ ୩୫ଟି ବିଧାନସଭା ଆସନ ପାଇଁ ଆସନ୍ତାକାଲି ନିଆଯିବ ଭୋଟ
- ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ଭୁବନେଶ୍ୱରରେ ପହଂଚିଲେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ  ନରେନ୍ଦ୍ର ମୋଦୀ
- ଖଲ୍ଲିକୋଟ ହିଂସା ଘଟଣାର କ୍ଷେତ୍ରୀୟ ତଦନ୍ତ ଆରମ୍ଭ କଲା ଏସ୍ଆଇଟି

ଏବଂ

- ନିକୋବର ଦ୍ୱୀପପୁଞ୍ଜ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ

— ଆସନ୍ତା ୩୧ ତାରିଖରେ କେରଳ ଉପକୂଳ ଛୁଇଁବା ନେଇ  ପାଣିପାଗ ବିଭାଗର ଅନୁମାନ

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶରେ ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ରାଜ୍ୟର ୫ଟି ସଂସଦୀୟ ଆସନ ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ଲାଗି ମତଦାନ ହେବ।

ଲୋକସଭା ଆସନଗୁଡ଼ିକ ପାଇଁ ୪୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବାବେଳେ ବିଧାନସଭା ଆସନଗୁଡ଼ିକ ପାଇଁ ମୋଟ୍ ୨୬୫ ଜଣ ପ୍ରାର୍ଥୀ ତାଙ୍କର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିରୁ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଜୁଏଲ୍ ଓରାମ୍, ସଙ୍ଗୀତା କୁମାରୀ ସିଂଦେଓ,  ବିଜେଡିରୁ ଭାରତୀୟ ହକି ଦଳର ପୂର୍ବତନ କ୍ୟାପ୍ଟେନ୍ ଦିଲ୍ଲୀପ ତିର୍କି, ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ଅଛନ୍ତି। ହିଞ୍ଜିଳି ବିଧାନସଭା ଆସନରୁ ବିଜେଡ଼ି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। ସେହିଭଳି ବିଧାନସଭା ଆସନଗୁଡ଼ିକ ପାଇଁ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପ୍ରଦୀପ କୁମାର ଅମାତ, ଟୁକୁନୀ ସାହୁ ପ୍ରମୁଖ ଅଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ-୨

ଏହି ପର୍ଯ୍ୟାୟ ନିର୍ବାଚନରେ ଅଣାଅସୀ ଲକ୍ଷ ଅଣସ୍ତରୀ ହଜାର ୮୮୭ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହି ପର୍ଯ୍ୟାୟ ପାଇଁ

ମୋଟ ୯ ହଜାର ୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ତେବେ କେତେକ ମତଦାନ କେନ୍ଦ୍ରରେ ସନ୍ଧ୍ୟା ୫ଟା ଓ ଅନ୍ୟ କେତେକ କେନ୍ଦ୍ରରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ମତଦାନ କେନ୍ଦ୍ରଗୁଡ଼ିକ ମଧ୍ୟରେ ୧ ହଜାର ୪୧ଟି ବୁଥ୍ ସମ୍ପୂର୍ଣ୍ଣ ଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବାବେଳେ ୨୫ଟି ମତଦାନ କେନ୍ଦ୍ର ଦିବ୍ୟାଙ୍ଗ କର୍ମଚାରୀ ପରିଚାଳନା କରିବେ। ୧ ହଜାର ୫୪୧ଟି ଆଦର୍ଶ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି।

ଇତିମଧ୍ୟରେ ପୋଲିଂ ଅଧିକାରୀ ଦଳ ବୁଥ୍‌ଗୁଡ଼ିକରେ ପହଞ୍ଚୁଛନ୍ତି। ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି।

## ପ୍ରଧାନମନ୍ତ୍ରୀଙ୍କ ଓଡିଶାଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆଜି ଦୁଇଦିନିଆ ଗସ୍ତରେ ଓଡିଶା ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀ ଆଜି ସନ୍ଧ୍ୟାରେ ଦଳର ବରିଷ୍ଠ ନେତାମାନଙ୍କ ସହିତ ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ରାଜଭବନରେ ପ୍ରଧାନମନ୍ତ୍ରୀ ରାତ୍ରିଯାପନ କରିବେ। ଶ୍ରୀ ମୋଦୀ ଆସନ୍ତାକାଲି ପୁରୀ ଗସ୍ତରେ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ବଡଦାଣ୍ଡରେ ଏକ

ନିର୍ବାଚନୀ ରୋଡ ଶୋ'ରେ ଭାଗନେବେ । ସକାଳ ୮ଟାରୁ ୯ଟା ମଧ୍ୟରେ ମରିଚିକୋଟ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଏହି ରୋଡ୍ ଶୋ' ଅନୁଷ୍ଠିତ ହେବ। ପୁରୀ ଗସ୍ତ ପରେ ପ୍ରଧାନମନ୍ତ୍ରୀ ଅନୁଗୋଳ ଯାଇ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବା ସହ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ମୁଖ୍ୟମନ୍ତ୍ରୀ- ଭଦ୍ରକ ଗସ୍ତ

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି **ଭଦ୍ରକ** ଜିଲ୍ଲା ଗସ୍ତରେ ଯାଇ ଧାମନଗର ଛକ ପାହିମହୁରାଠାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧନ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାର କାମରେ ବିଶ୍ୱାସ କରନ୍ତି। ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳନ କରାଯାଇଥିବା କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଲୋକପାତ କରିଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ୨ଟି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ।

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର

ସମ୍ବଲପୁର ଜିଲ୍ଲା କୁଚିଣ୍ଡାଠାରେ ବିଜୟ ସଂକଳ୍ପ ସମାବେଶରେ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଛତିଶଗଡର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଏହି

ଅବସରରେ ଏନ୍‌ଡିଏ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।

## ପୋଷ୍ଟାଲ ବାଲାଟ– ମତଦାନ

ଢେଙ୍କାନାଳ ଜିଲ୍ଲାରେ ଆଜିଠାରୁ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ମତଦାନ ଆରମ୍ଭ ହୋଇଛି । ଜିଲ୍ଲାର ୪ଟି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ୩ ଦିନ ପାଇଁ ଏହି ମତଦାନ ଚାଲିବ। ୨ ହଜାର ୫୫୬ ଜଣ ସରକାରୀ କର୍ମଚାରୀ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ମତଦାନ ପାଇଁ ଦରଖାସ୍ତ କରିଥିବା ଜଣାପଡିଛି ।

## ନିର୍ବାଚନ–କେନ୍ଦ୍ରାପଡା

ରାଜ୍ୟର ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ପହିଲାରେ **କେନ୍ଦ୍ରାପଡା** ଜିଲ୍ଲାରେ ମତ ଗ୍ରହଣ କରାଯିବ। ସେହିଦିନ କେନ୍ଦ୍ରାପଡା ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଏକାସାଙ୍ଗରେ ମତଗ୍ରହଣ କରାଯିବ ।

ପାଟକୁରା ଏବଂ ମହାକାଳପଡା ବିଧାନସଭା ଆସନ ପାଇଁ ନିର୍ବାଚନ ପ୍ରସ୍ତୁତି ଏବଂ ମତଦାତାଙ୍କ ସବିଶେଷ ତଥ୍ୟ ସହ ଆମ କେନ୍ଦ୍ରାପଡା ସମ୍ବାଦଦାତା **ନିହାର ରଞ୍ଜନ ସାହୁ**ଙ୍କ ଏକ ରିପୋର୍ଟ...

**- V/O –**

## ଖଲ୍ଲିକୋଟ ହିଂସା-ଏସ୍‌ଆଇଟି

ଗଞ୍ଜାମ ଜିଲ୍ଲା ଖଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁରରେ ସଂଘଟିତ ହିସାଂର ତଦନ୍ତଭାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍‌-ଏସ୍‌ଆଇଟି ଘଟଣାସ୍ଥଳକୁ ଯାଇ ଆଜିଠାରୁ ତଦନ୍ତ ଆରମ୍ଭ କରିଛି। ଏସ୍‌ଆଇଟିର ୬ଜଣିଆ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଛନ୍ତି।

ଏସ୍‌ଆଇଟି ତଦନ୍ତର ମୁଖ୍ୟ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଧାକିଶନ ଶର୍ମା ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ସେହି ଅଞ୍ଚଳର ଆଇନ ଶୃଙ୍ଖଳା  ସ୍ଥିତିର ତଦାରଖ କରୁଛନ୍ତି। ଖଲ୍ଲିକୋଟ ବିଧାନସଭା ଆସନ ପାଇଁ ନିର୍ବାଚନ ଆସନ୍ତାକାଲି ହେବ।

## ଡିଜିଙ୍କ ସମ୍ମିଳନୀ

ଆସନ୍ତାକାଲିର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ କହିଛନ୍ତି। ଗଞ୍ଜାମ ଜିଲ୍ଲା ହିଂସାକୁ ଦୃଷ୍ଟିରେ ରଖି ୨୦ କମ୍ପାନୀ କେନ୍ଦ୍ରୀୟ ପୁଲିସ୍ ଫୋର୍ସ୍ ମୁତୟନ କରାଯାଇଛି ବୋଲି ସେ କହିଛନ୍ତି। ସେ କହିଛନ୍ତି, ଖଲିକୋଟ ଗଣ୍ଡଗୋଳ ମାମଲାରେ ୧୧ ଜଣଙ୍କୁ ଗିରଫ କରାଯାଇଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ତ୍ୱରିତ  ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ମୁତୟନ କରାଯାଇଛି। ନିର୍ବାଚନ ହେବାକୁ ଥିବା ୧୧ଟି ଜିଲ୍ଲାର ସୀମାନ୍ତ ଅଂଚଳରେ ଥିବା ୪୮ଟି ଚେକ୍‌ପୋଷ୍ଟରେ ଯାନବାହାନ ଚେକିଂକୁ

କଡ଼ାକଡ଼ି କରାଯାଇଛି । ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି ବୋଲି ସେ କହିଛନ୍ତି ।

## ନିର୍ବାଚନ-ନୟାଗଡ଼

**ନୟାଗଡ଼** ଜିଲାର ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତାକାଲି ଭୋଟଗ୍ରହଣ କରାଯିବ । ଏହି ଆସନ ପାଇଁ ୮ ଜଣ ପ୍ରାର୍ଥୀ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆବଶ୍ୟକ ସାମଗ୍ରୀ ଧରି ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀମାନେ ସୁରକ୍ଷା କର୍ମୀଙ୍କ ସହ ନିଜ ନିଜ ବୁଥ୍ ଅଭିମୁଖେ ଯାତ୍ରା କରିଛନ୍ତି । ୨୪୩ଟି ବୁଥ୍‌ରେ ୧ ଲକ୍ଷ ୯୦ ହଜାର ୫୩୮ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେହିଭଳି ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତାକାଲି ମତଗ୍ରହଣ କରାଯିବ । ଝାରସୁଗୁଡ଼ା ଆସନ ପାଇଁ ୮ ଜଣ ପ୍ରାର୍ଥୀ ଏବଂ ବ୍ରଜରାଜନଗର ଆସନ ପାଇଁ ୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

**ସୁନ୍ଦରଗଡ଼** ସଂରକ୍ଷିତ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୭ଟି ବିଧାନସଭା ଆସନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ କରାଯିବ । ବୀରମିତ୍ରପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଜିଲ୍ଲାର ୧୫ ଲକ୍ଷ ୬୭ ହଜାର ୬୫ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

**କନ୍ଧମାଳ** ଜିଲ୍ଲାରେ ଆସନ୍ତାକାଲି ଭୋଟଗ୍ରହଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାଓ ପ୍ରଭାବିତ ଅଂଚଳରେ ବିଶେଷ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

**ବୌଦ୍ଧ** ଜିଲ୍ଲାରେ ଆସନ୍ତାକାଲି ହେବାକୁ ଥିବା ମତଦାନ ପାଇଁ ୪୦ଟି ସଖୀ ବୁଥ୍ ସ୍ଥାପନ କରାଯାଇଛି। କେବଳ ମହିଳା କର୍ମଚାରୀମାନେ ଏଥିପାଇଁ ନିୟୋଜିତ ଅଛନ୍ତି।

## ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଜି ନିକୋବର ଦ୍ୱୀପପୁଞ୍ଜ ସ୍ପର୍ଶ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦେଇଛି। ଆସନ୍ତା ୩୧ ତାରିଖ ସୁଦ୍ଧା ମୌସୁମୀ କେରଳ ଉପକୂଳରେ ପହଞ୍ଚିବ ବୋଲି ବିଭାଗ ଆକଳନ କରିଛି। ଚଳିତ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ବିଭାଗ ସୂଚନା ଦେଇଛି।

ଭୁବନେଶ୍ୱର-କଟକ ସମେତ ରାଜ୍ୟର କେତେକ ସ୍ଥାନରେ ଆଜି ଅପରାହ୍ଣରେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ହେଲେ, ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଗରମ ବାୟୁ ପ୍ରବାହ ହେଉଥିବାରୁ ଆସନ୍ତା ଦୁଇରୁ ତିନିଦିନ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ଅନ୍ୟପକ୍ଷରେ ଆସନ୍ତା ବୁଧବାର ଦିନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ

ବିଭାଗ କହିଛି। ଏହା କ୍ରମେ ଘନୀଭୂତ ହୋଇ ଉତ୍ତର-ପୂର୍ବ ଦିଗରେ ଗତି କରିବାର ସମ୍ଭାବନା ରହିଛି। ୨୪ ତାରିଖ ଆଡ଼କୁ ଲଘୁଚାପ ଅବପାତର ରୂପ ନେବ। ହେଲେ ଏହାର ପ୍ରଭାବ ଓଡ଼ିଶା ଉପରେ ରହିବା ନେଇ କୌଣସି ସଠିକ୍ ତଥ୍ୟ ମିଳିନାହିଁ।

## କାର୍ବାଇଟ୍ ନିଷେଧ

ଆମ୍ବ ଏବଂ ଅନ୍ୟ ଫଳକୁ କୃତ୍ରିମ ଉପାୟରେ ପଚାଇବା ପାଇଁ ବ୍ୟବହାର କରାଯାଉଥିବା କ୍ୟାଲସିୟମ କାର୍ବାଇଟ୍ ବ୍ୟବହାରକୁ କେନ୍ଦ୍ର ସରକାର ନିଷେଧ କରିଛନ୍ତି । ସ୍ୱାସ୍ଥ୍ୟ ପ୍ରତି କ୍ୟାଲସିୟମ କାର୍ବାଇଟର ଖରାପ ପ୍ରଭାବକୁ ଦୃଷ୍ଟିରେ ରଖି ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ କର୍ତ୍ତୃପକ୍ଷ କାର୍ବାଇଟ୍ ବ୍ୟବହାର ନିଷେଧ ଆଇନର କଡା ଅନୁପାଳନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

*********************************